

# ସତ୍ୟବାକ୍ୟ

# THE WORD OF TRUTH

**NOVEMBER - DECEMBER 2021**

An Oriya Bimonthly Bulletin published by the
**CHURCH OF CHRIST**

# THE VOICE OF TRUTH

Edited and Published By

*Joshua & Kabita Gootam*

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-27. Nov & Dec. 2021. No.6**

*Published every two months in **Oriya language** for the Restoration of the pure New Testament Christianity*

## Col 3:1

A:1a:-"IF then ye be risen with Christ...."
Col 2:12(a)"Buried with him in baptism, where in also ye are risen with him...."(Rom 6:3-6:1 Pet 1:3)
B:1b:- "..seek those things which are ABOVE..."
(a)Our heavenly Father (b)Our saviour Jesus Christ (C) Our comforter Holy Spirit (d) Hosts of Angels (e)Souls of righteous (Math 6:33)
C:1c:-".. Where Christ sitting at the right hand of God..'
(a)Eph 1:20:-with mighty power
(b)Heb 1;4;- He had by himself purged our sins
(C)Heb 8;2;- Our high priest 1John2:1
(d) Heb 10;2;- our high priest sacrificed Himself for our sins
(e)Heb 12;2;-Author and finisher of our faith
(f)Acts 7:54:- stood to receive Steven
(g) Rev 3:21:-" To him who overcomes I will grant to sit with Me on My throne , as I also overcame and sat down with My Father on His throne."

## Col 3:2

**"Col 3:2a:-"Set your affection on things ABOVE
(i) Our helps come from above (Psalm 121:1)
(ii) "Every good and perfect gift is from ABOVE, and comes down from the father of light...(James 1:17)
(iii) " But the wisdom that is from ABOVE is first pure, then peaceable, gentle, willing to yield, full of mercy ,good fruits, without Partiality and without hypocrisy" (James 3:17)"

# ସତ୍ୟବାଣୀ
# VOICE OF TRUTH

VOL - XXVII KAKINADA NOV-DEC-2021

## ପରିବର୍ତ୍ତନ
## (Conversion)

ବୟଃପ୍ରାପ୍ତ ପ୍ରତ୍ୟେକେ ପ୍ରଭୁଙ୍କ ଆଡ଼େ ଫେରିବା ଆବଶ୍ୟକ, ନଚେତ୍ ବିନାଶ ସୁନିଶ୍ଚିତ । ପରିବର୍ତ୍ତିତ ଜୀବନ ବ୍ୟତୀତ ମନୁଷ୍ୟ ସ୍ୱର୍ଗରାଜ୍ୟରେ ପ୍ରବେଶିବା ଅସମ୍ଭବ । ମାଥିଉ ୧୮:୩ ପଦରେ ଯୀଶୁ କହନ୍ତି, ''ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ଫେରି ସାନ ପିଲାଙ୍କ ପରି ନ ହେଲେ କୌଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବ ନାହିଁ ।'' ପରିବର୍ତ୍ତିତ ଜୀବନର ଆବଶ୍ୟକତା ଯଦିଓ ଅନେକ ଜ୍ଞାତ ଅଟନ୍ତି, ତାହା କଅଣ, ତାହା କିପରି ଘଟେ ଓ କେବେ ଘଟେ ଏସବୁ ବିଷୟରେ ଅଜ୍ଞ ଅଟନ୍ତି । ମନ ପରିବର୍ତ୍ତନ ବିଷୟରେ ସୂକ୍ଷ୍ମଭାବେ ବୁଝିବାକୁ ଆମ୍ଭମାନଙ୍କୁ ବାଇବଲ ହିଁ ସାହାଯ୍ୟ କରିପାରେ ।

### ୧) ମନ ପରିବର୍ତ୍ତନର ଅର୍ଥ କ'ଣ ?

ସାଧାରଣତଃ 'ମନ ପରିବର୍ତ୍ତନ'ର ଅର୍ଥ ପରିବର୍ତ୍ତିତ ହେବା କିମ୍ବା ବଦଳିବା। ଏକ ସ୍ଥିତିରୁ ସ୍ଥାନାନ୍ତର ହେବାର ପ୍ରକ୍ରିୟାକୁ ପରିବର୍ତ୍ତନ କୁହାଯାଏ । ଉଦାହରଣ ସ୍ୱରୂପ, କାଠ କାଗଜରେ, ପଥର ଲୁହାରେ, ଲୁହା ଇସ୍ପାତରେ, ପଶୁଚର୍ମ ବିଭିନ୍ନ ଆବଶ୍ୟକୀୟ ବସ୍ତୁରେ ପରିବର୍ତ୍ତିତ କରାଯାଏ ।

ଈଶ୍ୱରଙ୍କ ବାକ୍ୟରେ ମଧ୍ୟ 'ପରିବର୍ତ୍ତନର ଅର୍ଥ ଏକ ସ୍ଥିତିରୁ ଅନ୍ୟ ଏକ ସ୍ଥିତିକୁ ବଦଳିବା । ଆତ୍ମିକ ଭାବେ ସାଂସାରିକ ଜୀବନ ତ୍ୟାଗ କରି ଆତ୍ମିକ ଜୀବନଯାପନ କରିବା । ଏହି ପ୍ରକ୍ରିୟା ଦ୍ୱାରା ମନୁଷ୍ୟ ଖ୍ରୀଷ୍ଟିୟାନ ହେବାର ସୁଯୋଗ

ତନ୍ମଧ୍ୟସ୍ଥିତ ସମସ୍ତ ଏହା କହୁଥିବା ଶୁଣିଲି, ପ୍ରଶଂସା, ସମ୍ଭ୍ରମ, ଗୌରବ ଓ କର୍ତ୍ତାପଣ ଯୁଗେ ଯୁଗେ ସିଂହାସନୋବିଷ୍ଟ ବ୍ୟକ୍ତିଙ୍କର ଓ ମେଷଶାବକଙ୍କର ।'' (ପ୍ରକାଶିତ ୫:୧୨-୧୩) । ଉପାସନାର ଅର୍ଥ ଐଶ୍ୱରିକ ଶକ୍ତିର ପ୍ରତିଷ୍ଠା କରିବା, ପାଦପୀଠରେ ପ୍ରଣାମ କରିବା (ଗୀତ ୯୯:୫) । ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୋଇ, ତାହାଙ୍କ ସହିତ ଆତ୍ମିକ ଭାବେ ସହଭାଗିତାରେ ଯୋଗଦେବା । ଦାଉଦ ଗାଇଲେ, ''ମୁଁ ସଦାପ୍ରଭୁଙ୍କ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଓ ତାହାଙ୍କ ମନ୍ଦିରରେ ଅନୁସନ୍ଧାନ କରିବା ପାଇଁ ଯେପରି ଯାବଜ୍ଜୀବନ ସଦାପ୍ରଭୁଙ୍କ ଗୃହରେ ବାସ କରିବି, ଏହି ଏକ ବିଷୟ ମୁଁ ସଦାପ୍ରଭୁଙ୍କ ନିକଟରେ ମାଗିଅଛି, ତାହା ମୁଁ ଅନ୍ୱେଷଣ କରିବି । ଗୀତ (୨୭:୪) ପ୍ରଭୁଭୋଜ ପାଳନ କରି ଆମ୍ଭେମାନେ ତାହାଙ୍କ ସହଭାଗିତା ରହୁ । (ମାଥିଉ ୨୬:୨୯) । ଯେଉଁଠାରେ ଦୁଇ ବା ତିନି ତାହାଙ୍କ ନାମରେ ଏକତ୍ରିତ ହୁଅନ୍ତି, ସେ ସେଠାରେ ଥିବେ ବୋଲି ଯୀଶୁଖ୍ରୀଷ୍ଟ ପ୍ରତିଜ୍ଞା କରିଅଛନ୍ତି । (ମାଥିଉ ୧୮:୨୦)

ଇଂରାଜୀରେ **Worship** (ଉପାସନା)ରେ ସାତୋଟି ପଦ ଅଛି :

**W :** Willingly (ମନୋଃପୂର୍ବକ ଭାବେ ବା ସ୍ୱଇଚ୍ଛାରେ):

ଆମ୍ଭେମାନେ ସ୍ୱଇଚ୍ଛାରେ କିଅବା ଆଗ୍ରହ ସହ ତାହାଙ୍କ ଉପାସନା କରୁ । (୨ କରିନ୍ଥୀ ୮:୧୨) । 'ଦାନ ସଂଗ୍ରହ' ମଧ୍ୟ ଉପାସନାର ଏକ ଅଂଶ । (୧ମ କରିନ୍ଥୀ ୧୬:୨; ଯାତ୍ରା ୩୫:୨୪-୨୯; ୩୬:୫-୭) ପ୍ରେରିତ ପାଉଲ ଦାନ ସଂଗ୍ରହ ବିଷୟରେ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, ''ପ୍ରତ୍ୟେକ ଜଣ ଆପଣା ହୃଦୟରେ ଯେପରି ସଂକଳ୍ପ କରିଅଛି, ସେହିପରି କରୁ, କାରଣ ହୃଷ୍ଟଚିତ୍ତ ଦାତାଙ୍କୁ ଭଲ ପାଆନ୍ତି ।'' (୨ କରିନ୍ଥୀ ୯:୭) ଯୀଶୁ କହିଲେ,''ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଜୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ, ଯେଣୁ ମୋହର ଜୁଆଳି ସହଜ ଓ ମୋହର ଭାର ଉଶ୍ୱାସ ।'' (ମାଥିଉ ୧୧:୨୮)

**O :** Orderly : କ୍ରମ ପଦ୍ଧତି ଭାବେ : ଆମ୍ଭେମାନେ ଏକ କ୍ରମପଦ୍ଧତି ଭାବେ ପରମେଶ୍ୱରଙ୍କ ଉପାସନା କରିବା ଆବଶ୍ୟକ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ କହନ୍ତି, ''କିନ୍ତୁ ସମସ୍ତ ବିଷୟ ବିଧିମତେ ଓ ସୁଧାରାନୁସାରେ କରାଯାଉ ।''

(୧ କରିନ୍ଥୀ ୧୪:୪୦) । ''କାରଣ ଈଶ୍ୱର ବିଶୃଙ୍ଖଳତାର ଈଶ୍ୱର ନୁହନ୍ତି, ମାତ୍ର ଶାନ୍ତିର ଈଶ୍ୱର ।'' (୧ମ କରିନ୍ଥୀ ୧୪:୩୩)

**R : Regularly & Reveredndly :** ନିୟମାନୁସାରେ ନିୟମିତ ଭାବେ, ଭୟଭକ୍ତି ସହ ତାହାଙ୍କ ଉପାସନା କରୁ । ସାମୂହିକ ଭାବେ ସପ୍ତାହର ପ୍ରଥମ ଦିନରେ ନିଶ୍ଚିତ ଭାବେ ତାହାଙ୍କ ଉପାସନା ତାହାଙ୍କ ଉପାସନା କରୁ । ''ଆଉ କେହି ଯେପରି ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନ କରୁ ବରଂ ପରସ୍ପରକୁ ଉତ୍ସାହ ଦେଉ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ, ....ଜୀବିତ ଈଶ୍ୱରଙ୍କ ହସ୍ତରେ ପଡ଼ିବା ଭୟଙ୍କର ବିଷୟ ।'' (ଏବ୍ରୀ ୧୦:୨୫-୩୧)

**S : Sincerely :** ନିଷ୍କପଟ ଭାବେ : ମନୁଷ୍ୟମାନଙ୍କୁ ତୁଷ୍ଟ ହେବା ନିମନ୍ତେ ନୁହେଁ କିଅବା ଛଳନା ସହ ନୁହେଁ, କିନ୍ତୁ ସରଳ ଓ ନିଷ୍କପଟ ଭାବେ ତାହାଙ୍କ ଉପାସନା କରୁ । ପରମେଶ୍ୱର ଆମ୍ଭମାନଙ୍କ ହୃଦୟ ଦେଖନ୍ତି । ''ପ୍ରାର୍ଥନା କରିବା ସମୟରେ କପଟୀମାନଙ୍କ ପରି ହୁଅ ନାହିଁ, କାରଣ ସେମାନେ ଲୋକ ଦେଖାଇବା ପାଇଁ ସମାଜଗୃହ ଓ ଛକକୋଣରେ ଠିଆ ହୋଇ ପ୍ରାର୍ଥନା କରିବାକୁ ଭଲ ପାଆନ୍ତି, କିନ୍ତୁ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେମାନେ ଆପଣା ଆପଣା ପୁରସ୍କାର ପାଇଅଛନ୍ତି; କିନ୍ତୁ ତୁମ୍ଭେମାନେ ପ୍ରାର୍ଥନା କରିବା ସମୟରେ ତୁମ୍ଭର ଗୁପ୍ତ କୋଠରୀରେ ପ୍ରବେଶ କର, ପୁଣି ତୁମ୍ଭର ଦ୍ୱାର ରୁଦ୍ଧ କରି ଗୋପନରେ ଥିବା ତୁମ୍ଭ ପିତାଙ୍କ ଛାମୁର ପ୍ରାର୍ଥନା କର, ଆଉ ତୁମ୍ଭର ପିତା ଯେ ଗୋପନରେ ଦେଖନ୍ତି, ସେ ତୁମ୍ଭକୁ ଫଳ ଦେବେ ।'' (ମାଥିଉ ୫:୫-୬) । ଖ୍ରୀଷ୍ଟଙ୍କ ଦିନରେ ଅର୍ଥାତ୍ ମହାବିଚାର ଦିନରେ ତାହାଙ୍କ ଦୃଷ୍ଟିରେ ଶୁଦ୍ଧ ଓ ଅନିନ୍ଦୀୟ ରହିବାକୁ ଚେଷ୍ଟା କରୁ । (ଫିଲିପ ୧:୯-୧୧)

**H : Humble with Humality :** ''ନମ୍ରତା ସହ : ''......ସମସ୍ତେ ପରସ୍ପର ପ୍ରତି ନମ୍ରତା ରୂପ ବସ୍ତ୍ର ପରିଧାନ କର, କାରଣ ଈଶ୍ୱର ଅହଂକାରୀମାନଙ୍କ ପ୍ରତିରୋଧ କରି ନମ୍ର ଲୋକମାନଙ୍କୁ ଅନୁଗ୍ରହ କରନ୍ତି । ଅତଏବ, ଈଶ୍ୱରଙ୍କ ବଳବନ୍ତ ହସ୍ତ ତଳେ ଆପଣା ଆପଣାକୁ ନତ କର, ଯେପର ସେ ତୁମ୍ଭମାନଙ୍କୁ ଯଥାସମୟରେ ଉନ୍ନତ କରିବେ ।'' (୧ମ ପିତର ୫:୫-୬) । ଉଦାହରଣ ସ୍ୱରୂପ – ଲୂକ ୧୮:୯-୧୪ ପଦଗୁଡ଼ିକରେ ବର୍ଣ୍ଣିତ ଦୃଷ୍ଟାନ୍ତର ଫାରୂଶୀ ଓ କରଗ୍ରାହୀ । କରଗ୍ରାହୀର ପ୍ରାର୍ଥନା ଈଶ୍ୱରଙ୍କ

ଗ୍ରାହ୍ୟ କରିଥିଲେ । ''ତହିଁରେ ଲୋକମାନେ ପ୍ରତ୍ୟୟ କଲେ, ପୁଣି ସଦାପ୍ରଭୁ ଇଶ୍ରାୟେଲ ସନ୍ତାନଗଣର ତତ୍ତ୍ୱାବଧାନ କରି, ସେମାନଙ୍କ ଦୁଃଖ ଦେଖିଅଛନ୍ତି, ଏହା ବୁଝି ସେମାନେ ତାହାଙ୍କୁ ପ୍ରଣାମ କରି ଭଜନ କଲେ ।'' (ଯାତ୍ରା ୪:୩୧) ପରମେଶ୍ୱରଙ୍କୁ ଓ ତାହାଙ୍କ ବାକ୍ୟକୁ ମହିମାନ୍ୱିତ କରୁ । (ନିହିମିୟା ୮:୧-୬)

**I : Individually** : ବ୍ୟକ୍ତିଗତ ଭାବେ : ଯଦିଓ ଆମ୍ଭେମାନେ ସାମୁହିକ ଭାବେ, ମଣ୍ଡଳୀକ ଭାବେ ଉପାସନା କରୁ । ବ୍ୟକ୍ତିଗତ ଭାବେ ଆମ୍ଭେମାନେ ତାହାଙ୍କ କୀର୍ତ୍ତନ ଗାନ କରୁ, ପ୍ରାର୍ଥନା କରୁ ଓ ଆମ୍ଭମାନଙ୍କୁ ଉତ୍ସାହିତ କରୁ । କାରଣ ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ଈଶ୍ୱରଙ୍କ ଛାମୁରେ ଆପଣା ହିସାବ ଦେବାକୁ ହେବ ।'' (ରୋମୀୟ ୧୪:୧୧-୧୨)

**P : Pure in heart** : ଶୁଦ୍ଧ ହୃଦୟ ସହ : ଯୀଶୁ ଶମିରୋଣୀୟ ସ୍ତ୍ରୀକୁ କହିଲେ, ''ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମା ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ ।'' (ଯୋହନ ୪:୨୪) । ପରମେଶ୍ୱର ପ୍ରତ୍ୟେକ ମନୁଷ୍ୟର ହୃଦୟ ପରୀକ୍ଷକ ଅଟନ୍ତି । (ଯିରିମିୟ ୧୭:୯-୧୦ । ସେଥିଯୋଗୁଁ ମହାରାଜା ଦାଉଦ ଏକ ଶୁଦ୍ଧ ହୃଦୟ ନିମନ୍ତେ ପ୍ରାର୍ଥନା କରିଥିଲେ । (ଗୀତ ୫୧:୧୦-୧୭) । ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି, ''ଏଣୁ ମୋହର ଇଚ୍ଛା, ପୁରୁଷମାନେ ଶୁଚି ହସ୍ତ ଉତ୍ତୋଳନ କରି କ୍ରୋଧ ଓ ବିତର୍କ ବିନା ସର୍ବତ୍ର ପ୍ରାର୍ଥନା କରନ୍ତୁ ।'' (୧ମ ତୀମଥି ୨:୮)

**ଶେଷକଥା:** ଆସ ଆମ୍ଭେମାନେ ପରମେଶ୍ୱରଙ୍କର ଉପାସନା କିପରି କରୁଅଛୁ ଆପଣା ଆପଣାକୁ ପରୀକ୍ଷା କରୁ । ଆମ୍ଭମାନଙ୍କ ମନ, ହୃଦୟ, ବିବେକ ସହ ଉପାସନା କରୁ । ତାହାଙ୍କ ଇଚ୍ଛାନୁଯାୟୀ ତାହାଙ୍କ ବାକ୍ୟାନୁଯାୟୀ ତାହାଙ୍କ ଉପାସନା କରୁ । ଏପରି ଉପାସକମାନଙ୍କ ଉପାସନା ପରମେଶ୍ୱରଙ୍କ ଗ୍ରାହ୍ୟ ଯୋଗ୍ୟ ।

***- Joshua Gootam***

❋❋❋

## ଜଣେ କିପରି ଖ୍ରୀଷ୍ଟିୟାନ ହୋଇପାରିବ ?
## (How to become a Christian)

ନବଜାତ ଶିଶୁ ଓ ଛୋଟ ଛୋଟ ବାଳକବାଳିକା ମାନଙ୍କ ଠାରେ ପାପ ନ ଥାଏ । (ଯିହିଜିକଲ ୧୮:୨୦, ମାଥିଉ ୧୮:୧-୪; ୧୯:୧୪) କାରଣ ସେମାନେ ଭଲ ଓ ମନ୍ଦ, ଉତ୍ତମତା ଓ ମନ୍ଦତା ମଧ୍ୟରେ ପାର୍ଥକ୍ୟ ଜାଣନ୍ତି ନାହିଁ ।

ମନୁଷ୍ୟ ବୟସର ବୃଦ୍ଧି ପାଉ, ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ବୁଝିପାରେ । ମନୁଷ୍ୟ ଯେତେବେଳେ ଭଲ ଓ ମନ୍ଦ ବୁଝି, ମନ୍ଦ କରିବାରେ ଇଚ୍ଛା କରେ, ସେ ପାପ କରେ । ଏହି ଜଗତରେ କୌଣସି ମନୁଷ୍ୟ ନିଷ୍ପାପୀ ନୁହେଁ । ବାକ୍ୟ କହେ, ''ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ବରଙ୍କ ଗୌରବ ରହିତ ହୋଇଅଛନ୍ତି ।'' (ରୋମୀୟ ୩:୨୩)

ପାପ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ କରେ, ''ଦେଖ, ସଦାପ୍ରଭୁଙ୍କର ହସ୍ତ ଛୋଟ ହୋଇନାହିଁ ଯେ, ତାହା ପରିତ୍ରାଣ କରି ନ ପାରେ । ମାତ୍ର ତୁମ୍ଭମାନଙ୍କର ଅପରାଧ ସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ମଧ୍ୟରେ ବିଚ୍ଛେଦ ଘଟାଇଅଛି ଓ ତୁମ୍ଭମାନଙ୍କ ପରମେଶ୍ୱରଙ୍କର ପାପ ସବୁ ତୁମ୍ଭମାନଙ୍କ ଠାରୁ ତାହାଙ୍କ ମୁଖ ଲୁଚାଇଅଛି, ଏଥିପାଇଁ ସେ ଶୁଣିବେ ନାହିଁ ।'' (ରୋମୀୟ ୫୯:୧,୨) । ମନୁଷ୍ୟର ଜୀବିତାବସ୍ଥାରେ ତାହାର ପାପ ଓ ଅପରାଧରୁ ଧୌତ ହେବା ଆବଶ୍ୟକ ନଚେତ୍ ତାହାର ଆତ୍ମା ସଦାକାଳ ନିମନ୍ତେ ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ହେବ । (ମାଥିଉ ୨୫:୪୬, ମାର୍କ ୪୩:୪୮) ଏହା ହିଁ ମନୁଷ୍ୟର ଆତ୍ମିକ ମୃତ୍ୟୁ ବାକ୍ୟ କହେ, ''କାରଣ ପାପର ବେତନ ମୃତ୍ୟୁ; କିନ୍ତୁ ଈଶ୍ବରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ।'' (ରୋମୀୟ ୬:୨୩)

ପରମେଶ୍ୱର, ଆମ୍ଭେମାନେ ପାପରହିତ ହୋଇ ତାହାଙ୍କ ସହଭାଗିତାରେ ରହୁ, ଏହା ସେ ଇଚ୍ଛା କରନ୍ତି । ଆମ୍ଭମାନଙ୍କ କୃତ ପାପ କେହି ମାର୍ଜନା କରି ନ ପାରେ; କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ମଧ୍ୟ ଧାର୍ମିକ ହୋଇ ଅଧାର୍ମିକମାନଙ୍କ ନିମନ୍ତେ ପାପ ହେତୁ ଥରେ ମୃତ୍ୟୁ ଭୋଗ କଲେ । ସେ ଶରୀରରେ ମୃତ୍ୟୁଭୋଗ କଲେ ସତ, କିନ୍ତୁ ଆତ୍ମାରେ ଜୀବିତ ହେଲେ ।'' (୧ମ ପିତର ୩:୧୮)। ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା ଆମ୍ଭେମାନେ କିପରି ଲାଭପ୍ରାପ୍ତ ହେବା ?

**ଶ୍ରବଣ :** ପାପୀ ପ୍ରଥମେ ସୁସମାଚାର ଶ୍ରବଣ କରିବା ଆବଶ୍ୟକ । ''ସୁସମାଚାର''ର ଅର୍ଥ ଉତ୍ତମ ବାର୍ତ୍ତା । କିନ୍ତୁ ''ଏବେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଖ୍ରୀଷ୍ଟ ଯୀଶୁଙ୍କର ଆବିର୍ଭାବ ଦ୍ୱାରା ପ୍ରକାଶିତ ହୋଇଅଛି, ସେ ମୃତ୍ୟୁକୁ ଲୋପ କରିଅଛନ୍ତି, ପୁଣି, ସୁସମାଚାର ଦ୍ୱାରା ଓ ଅମରତାକୁ ଆଲୋକରେ ପ୍ରକାଶ କରିଅଛନ୍ତି ।'' (୨ ତୀମଥି ୧:୧୦) ସୁସମାଚାରର ଅର୍ଥ ଯୀଶୁଙ୍କର ଜନ୍ମ, ଜୀବନ, ମରଣ, ସମାଧି ଓ ପୁନଃରୁତ୍ଥାନର ବାର୍ତ୍ତା । (୧ମ କରିନ୍ଥୀ ୧୫:୧-୨)

**ବିଶ୍ୱାସ :** ପାପୀ, ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଆବଶ୍ୟକ । ''କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।'' (ଯୋହନ ୩:୧୬) । ''ଯେକେହି ବିଶ୍ୱାସ କରେ....''ର ଅର୍ଥ କେବଳ ମନରେ ବିଶ୍ୱାସ ନୁହେଁ । କିନ୍ତୁ ବିଶ୍ୱାସ କରି ତାହାଙ୍କ ବାକ୍ୟର ଆଜ୍ଞାବହ ହେବା ଆବଶ୍ୟକ, କାରଣ କର୍ମ ବିନୁ ବିଶ୍ୱାସ ମୃତ । ପ୍ରେରିତ ଯୋହନଙ୍କ ସୁସମାଚାରରେ ଲେଖାଯାଏ, ''ତଥାପି ନେତାମାନଙ୍କ ମଧ୍ୟରୁ ସୁଦ୍ଧା ଅନେକ ତାହାଙ୍କ ଠାରେ ବିଶ୍ୱାସ କଲେ, କିନ୍ତୁ କାଳେ ସେମାନେ ସମାଜଚ୍ୟୁତ ହୁଅନ୍ତି, ଏଥିପାଇଁ ଫାରୁଶୀମାନଙ୍କ ହେତୁ ତାହା ସ୍ୱୀକାର କରୁ ନ ଥିଲେ, କାରଣ ସେମାନେ ଈଶ୍ୱରଙ୍କ ଠାରୁ ଗୌରବ ଅପେକ୍ଷା ବରଂ ମନୁଷ୍ୟମାନଙ୍କ ଗୌରବ ଭଲ ପାଇଲେ ।'' (ଯୋହନ ୧୨:୪୨-୪୩) । କେବଳ ଆଜ୍ଞାବହତାରେ ବିଶ୍ୱାସ ଆମ୍ଭମାନଙ୍କୁ ରକ୍ଷା କରିପାରେ ।

**ମନ ପରିବର୍ତ୍ତନ :** ପାପୀ ମନୁଷ୍ୟ ମନ ପରିବର୍ତ୍ତନ କରିବା ଆବଶ୍ୟକ । ''ମନ ପରିବର୍ତ୍ତନ''ର ଅର୍ଥ ଆପଣା ମନ ବଦଳାଇବା । ପାପମୟ ଜୀବନ ପରିତ୍ୟାଗ କରି ଧାର୍ମିକ ଜୀବନଯାପନ ନିମନ୍ତେ ଦୃଢ଼ ସଂକଳ୍ପ ନେବା । ବାକ୍ୟ କହେ, ''ବିଳମ୍ବ ବୋଲି ଯେପରି କେତେକ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ, ବରଂ ସମସ୍ତେ ଯେପରି ମନ ପରିର୍ତ୍ତନ କରନ୍ତି, ଏହା ଇଚ୍ଛା କରି, ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘସହିଷ୍ଣୁ ଅଟନ୍ତି ।'' (୧ମ ପିତର ୩:୯)

**ସ୍ୱୀକାର :** ମନପରିବର୍ତ୍ତନ କରିଥିବା ପାପୀ ମନୁଷ୍ୟ ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରିବା ଆବଶ୍ୟକ । ଯୀଶୁଖ୍ରୀଷ୍ଟଙ୍କ ସ୍ୱର୍ଗାରୋହଣ ପରେ, ପେଣ୍ଟିକଷ୍ଟ ଦିନରେ, ସୁସମାଚାରର ପ୍ରଥମ ପ୍ରସଙ୍ଗରେ ପ୍ରେରିତ ପିତର କହିଥିଲେ, ''ଅତଏବ,

ସମସ୍ତ ଇସ୍ରାଏଲବଂଶ ନିଶ୍ଚୟ ଜାଣନ୍ତୁ ଯେ, ଯେଉଁ ଯୀଶୁଙ୍କୁ ଆପଣମାନେ କ୍ରୁଶରେ ବଧ କଲେ, ତାହାଙ୍କୁ ଈଶ୍ୱର, ପ୍ରଭୁ ଓ ଖ୍ରୀଷ୍ଟ, ଉଭୟ ପଦରେ ନିଯୁକ୍ତ କରିଅଛନ୍ତି । ଆମ୍ଭେମାନେ ଆମ୍ଭମାନଙ୍କ ବିଶ୍ୱାସ ଅନ୍ୟମାନଙ୍କ ସମ୍ମୁଖରେ ସ୍ୱୀକାର କରୁ ।'' କାରଣ, ଧାର୍ମିକତା ପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ ।'' (ରୋମୀୟ ୧୦:୧୦) କୂଶଦେଶୀୟ କାଣ୍ଡାକୀ ନାମ୍ନୀ ରାଣୀଙ୍କର ଅଧୀନସ୍ଥ ଜଣେ ଉଚ୍ଚ ପଦପ୍ରାପ୍ତ କୂଶୀୟ ନପୁଂସକ କହିଥିଲେ, ''.....ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର, ଏହା ମୁଁ ବିଶ୍ୱାସ କରୁଅଛି ।'' (ପ୍ରେରିତ ୮:୨୬-୩୮)

**ବାପ୍ତିଜିତ ହୁଅନ୍ତୁ :** ଜଣେ ପାପୀ ମନୁଷ୍ୟ ଖ୍ରୀଷ୍ଟଙ୍କ ସୁସମାଚାର ଶ୍ରବଣ, ବିଶ୍ୱାସ, ମନପରିବର୍ତ୍ତନ ଓ ସ୍ୱୀକାର କରେ ସେ ପରିତ୍ରାଣ ପ୍ରାପ୍ତ ନିମନ୍ତେ ବାପ୍ତିଜିତ ହେବା ଆବଶ୍ୟକ । ''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।''(ମାର୍କ ୧୬:୧୬) । ବାପ୍ତିସ୍ମ (Baptism)ର ଅର୍ଥ ବୁଡ଼ନ । ଏହା ଏକ ଜଳରେ ସମାଧି । ବାପ୍ତିଜିତ ହୋଇଥିବା ରୋମୀୟ ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ ଲେଖନ୍ତି, ''ଆମ୍ଭେମାନେ ଯେତେଲୋକ ଖ୍ରୀଷ୍ଟଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହିପ୍ରକାର ଜୀବନର ନୂତନ ଭାବରେ ଆଚରଣ କରୁ ।'' (ରୋମୀୟ ୬:୩-୪) । ଜଣେ ପାପୀ ଯୀଶୁଙ୍କ ନାମରେ କିଛିକ୍ଷଣ ନିମନ୍ତେ ଜଳରେ ମଗ୍ନ ହୋଇ, ଜଳରୁ ଉଠି ଆସି ଏକ ନୂତନ ଜୀବନଯାପନ କରେ । ଖ୍ରୀଷ୍ଟିୟାନମାନେ ''ଯେଉଁ ଶିକ୍ଷାର ଆଦର୍ଶ ନିକଟରେ ସମର୍ପିତ ହୋଇଅଛନ୍ତି, ସେଥିର ହୃଦୟ ସହ ଆଜ୍ଞାବହ ହୋଇ ପାପ କ୍ଷମାପଣ ପାଆନ୍ତି ।'' (ରୋମୀୟ ୬:୧୭) ଏପରି ଭାବେ ଜଣେ ଖ୍ରୀଷ୍ଟିୟାନ ହୋଇ, ଖ୍ରୀଷ୍ଟିୟ ଜୀବନଯାପନ କରାଯାଏ ।

***- Royce Fedrick***

❋❋❋

# ଦୟା ଓ କଠୋରତା
## (Kindness or Severity)

ପୁରାତନ ନିୟମର ପରମେଶ୍ୱର ଓ ନୂତନ ନିୟମର ପରମେଶ୍ୱର ଏକ ନୁହଁନ୍ତି ବୋଲି ଅନେକଙ୍କ ମତ । କାରଣ ପୁରାତନ ନିୟମର ସମୟରେ ପରମେଶ୍ୱର, ତତ୍‌କ୍ଷଣାତ୍ କଠୋର ଭାବେ ଦଣ୍ଡ ଦେଉଥିଲେ । କିନ୍ତୁ ନୂତନ ନିୟମର ପରମେଶ୍ୱରଙ୍କୁ ଏକ ପ୍ରେମମୟ, ଦୟାମୟ, କ୍ଷମାଶୀଳ ପରମେଶ୍ୱର ରୂପେ ବର୍ଣ୍ଣନା କରାଯାଇଅଛି । କିନ୍ତୁ ବାସ୍ତବତାରେ ପରମେଶ୍ୱର ଆରମ୍ଭରୁ ସଦାକାଳ ପ୍ରେମମୟ, ଦୟାମୟ ଓ କ୍ଷମାଶୀଳ ପରମେଶ୍ୱର ଅଟନ୍ତି ।

ଗଣନା ୬:୨୨-୨୭ ପଦଗୁଡ଼ିକରେ ଲେଖାଯାଏ, "ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, ତୁମ୍ଭେ ହାରୋଣ ଓ ତାହାର ପୁତ୍ରମାନଙ୍କୁ କୁହ, ତୁମ୍ଭେମାନେ ଇସ୍ରାଏଲ ସନ୍ତାନଗଣଙ୍କୁ ଏହିରୂପେ ଆଶୀର୍ବାଦ କରିବ; ତୁମ୍ଭେମାନେ ସେମାନଙ୍କୁ କହିବ, ସଦାପ୍ରଭୁ ତୁମ୍ଭକୁ ଆଶୀର୍ବାଦ କରନ୍ତୁ ଓ ତୁମ୍ଭକୁ ରକ୍ଷା କରନ୍ତୁ; ସଦାପ୍ରଭୁ ତୁମ୍ଭ ଉପରେ ଆପଣା ମୁଖର ତେଜ ପ୍ରକାଶ କରନ୍ତୁ ଓ ତୁମ୍ଭକୁ ଅନୁଗ୍ରହ କରନ୍ତୁ; ସଦାପ୍ରଭୁ ତୁମ୍ଭ ଉପରେ ଆପଣା ମୁଖ ଉଠାନ୍ତୁ ଓ ତୁମ୍ଭକୁ ଶାନ୍ତି ଦିଅନ୍ତୁ । ଏହିରୂପେ ସେମାନେ ଇସ୍ରାଏଲ-ସନ୍ତାନଗଣ ଉପରେ ଆମ୍ଭର ନାମ ରଖିବେ; ତହିଁରେ ଆମ୍ଭେ ସେମାନଙ୍କୁ ଆଶୀର୍ବାଦ କରିବା ।" ଏଠାରେ ସଦାପ୍ରଭୁ ଅଗ୍ନି ଓ ଗନ୍ଧକ ଉଦ୍‌ଗାର କରି ନ ଥିଲେ, କିନ୍ତୁ ସେ ଯେ ସେମାନଙ୍କୁ ପ୍ରେମ କରନ୍ତି, ଆଶୀର୍ବାଦ କରିବାକୁ ଇଚ୍ଛା କରନ୍ତି ଏହା ସେମାନଙ୍କୁ ଜଣାଇ ଦିଅନ୍ତି । ଯଦିଓ ସେ ସେମାନଙ୍କୁ କଠୋର ଶାସ୍ତି ଦେଉଥିଲେ, ସେ ସେମାନଙ୍କୁ ଶାସନ କରିବା ଓ ପାପମୟ ଜୀବନ ପରିତ୍ୟାଗ କରିବା ନିମନ୍ତେ ଶାସ୍ତି ଦେଉଥିଲେ । ଯଦିଓ ସଦାପ୍ରଭୁ ଶାସ୍ତି ଦେଉଥିଲେ, ତଥାପି ପାପୀର ମରଣରେ ସେ ସନ୍ତୁଷ୍ଟ ନୁହନ୍ତି । "ସେମାନଙ୍କୁ କୁହ, ପ୍ରଭୁ ସଦାପ୍ରଭୁ କହନ୍ତି, ଆମ୍ଭେ ଜୀବନ ଥିବା ପ୍ରମାଣେ ଦୁଷ୍ଟର ମରଣରେ ଆମ୍ଭର ସନ୍ତୋଷ ନାହିଁ, ମାତ୍ର ଦୁଷ୍ଟ ଯେପରି ଫେରି ବଞ୍ଚଇ, ଏଥିରେ ହିଁ ଆମ୍ଭର ସନ୍ତୋଷ ଅଛି; ତୁମ୍ଭେମାନେ ଫେର, ଆପଣା ଆପଣା କୁପଥରୁ ଫେର; କାରଣ ହେ ଇସ୍ରାଏଲ ବଂଶ, ତୁମ୍ଭେମାନେ କିହେତୁ ମରିବ ?" (ଯିହିଜିକଲ ୩୩:୧୦)

❋

ନୂତନ ନିୟମରେ ସଦାପ୍ରଭୁଙ୍କ ପ୍ରେମ, ଦୟା, ଅନୁଗ୍ରହ ବିଷୟରେ ଅନେକ ପୃଷ୍ଠାରେ ଲିଖିତ ହୋଇଅଛି । ''ମାତ୍ର ଏପରି ଅପରାଧରେ ମୃତ ହେଲେହେଁ ଦୟାସାଗର ଯେ ଈଶ୍ୱର, ସେ ଆମ୍ଭମାନଙ୍କୁ ସେ ଯେଉଁ ମହାପ୍ରେମରେ ପ୍ରେମ କଲେ, ସେଥି ସକାଶେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ସଜୀବ କରିଅଛନ୍ତି - ଅନୁଗ୍ରହରେ ତୁମ୍ଭେମାନେ ପରିତ୍ରାଣ ପାଇଅଛ - ପୁଣି, ତାହାଙ୍କ ସହିତ ଆମ୍ଭମାନଙ୍କୁ ତାହାଙ୍କ ସହିତ ସ୍ୱର୍ଗରେ ଉପବେଶନ କରାଇଅଛନ୍ତି ।'' (ଏଫିସୀ ୨:୪-୬) ସଦାପ୍ରଭୁ ପାପକୁ ଘୃଣା କରନ୍ତି, ସେମାନେ ସଦାପ୍ରଭୁଙ୍କ କ୍ରୋଧର ପାତ୍ର ଅଟନ୍ତି । ''ଯେ ପୁତ୍ରଙ୍କ ଠାରେ ବିଶ୍ୱାସ କରେ, ସେ ଅନନ୍ତଜୀବନ ପ୍ରାପ୍ତ ହୋଇଅଛି, ମାତ୍ର ଯେ ପୁତ୍ରଙ୍କୁ ଅମାନ୍ୟ କରେ, ସେ ଜୀବନ ଦେଖିବ ନାହିଁ, କିନ୍ତୁ ସେ ଈଶ୍ୱରଙ୍କ କ୍ରୋଧର ପାତ୍ର ହୋଇ ରହିଥାଏ ।'' (ଯୋହନ ୩:୩୬) ମାତ୍ର ପ୍ରଥମରେ ଯିହୂଦୀ ଓ ମଧଗ୍ରୀକ୍ ପ୍ରତ୍ୟେକ ସତ୍କର୍ମକାରୀ ପ୍ରତି ଗୌରବ ସମ୍ମାନ ଓ ଶାନ୍ତି ଘଟିବ ।'' (ରୋମୀୟ ୨:୯)

ତେବେ ଆମ୍ଭେମାନେ ଈଶ୍ୱରଙ୍କ ବିଷୟକ ଭ୍ରମ ଧାରଣା କିପରି ଦୂର କରିପାରିବା ? ଏହାର ଉତ୍ତର ଆମ୍ଭମାନଙ୍କ ନିକଟରେ ଅଛି । ଯଦି ଆମ୍ଭେମାନେ ଆପଣା ଆପଣାକୁ ନମ୍ର କରି ତାହାଙ୍କ ଆଜ୍ଞାବହତାର ଜୀବନଯାପନ କରୁ, ତାହାଙ୍କ ଅନୁଗ୍ରହ ଓ କୃପାପାତ୍ର ହୋଇପାରିବୁ । ତାହାଙ୍କ ଠାରୁ ସାହାଯ୍ୟ, ବଳ ଓ ପରିତ୍ରାଣ ପାଇପାରିବୁ । ଯଦି ଆମ୍ଭେମାନେ ତାହାକୁ ଅଗ୍ରାହ୍ୟ କରୁ, କଠୋର ଭାବେ ଦଣ୍ଡିତ ହେବୁ; ଆମ୍ଭେମାନଙ୍କ ନିର୍ଣ୍ଣୟ ଆମ୍ଭମାନଙ୍କ ସ୍ୱଚ୍ଛାଧିନ । ଆମ୍ଭମାନଙ୍କ ପାପରୁ ମୁକ୍ତ କରିବା ନିମନ୍ତେ ପ୍ରେମମୟ ପୁତ୍ର ଆପଣାର ଏକମାତ୍ର ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କରି ଆପଣା ପ୍ରେମ ପ୍ରକାଶ କରିଅଛନ୍ତି । ତାହାଙ୍କ ମହୋତ୍ତମ ପ୍ରେମ ଏହି ଜଗତ ବୁଝିପାରେ ନାହିଁ ।

ପିତା ପରମେଶ୍ୱର ଯୀଶୁଖ୍ରୀଷ୍ଟଙ୍କ ରୂପରେ, ଏହି ଜଗତକୁ ଏକ ମୂଲ୍ୟବାନ ଉପହାର ଦେଇଅଛନ୍ତି । ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କୁ ଅଗ୍ରାହ୍ୟ କରୁଅଛୁ । ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ହିଁ ଆମ୍ଭେମାନେ ପ୍ରେମମୟ ପିତାଙ୍କ ଠାରୁ ସମସ୍ତ ଆଶୀର୍ବାଦ ପ୍ରାପ୍ତ ହୋଇପାରିବା। ଯୀଶୁଖ୍ରୀଷ୍ଟଙ୍କୁ ଅଗ୍ରାହ୍ୟ କରବା ଦ୍ୱାରା ତାହାଙ୍କ ଉଗ୍ରତା ବିଚାରର ସମ୍ମୁଖୀନ ହେଉ; ''ବିଳମ୍ବ ବୋଲି ଯେପରି କେତେକ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ ନ କରନ୍ତି; କିନ୍ତୁ ଯେପରି କେହି ବିନଷ୍ଟ ନୁହଁନ୍ତି, ବରଂ ସମସ୍ତେ ମନ

ପରିବର୍ତ୍ତନ କରନ୍ତି; ଏହା ଇଚ୍ଛା କରି ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘସହିଷ୍ଣୁ ଅଟନ୍ତି।'' (୨ ପିତର ୩:୯)

ପରମେଶ୍ୱରଙ୍କ ଦୟା କିଅବା କ୍ରୋଧ ପ୍ରାପ୍ତ ହେବା ମନୁଷ୍ୟର ଆପଣା ନିର୍ଣ୍ଣୟ ଓ ଇଚ୍ଛା ଉପରେ ନିର୍ଭର କରେ । ଅନେକଙ୍କ ମତରେ ଏହା ଅନୁପଯୁକ୍ତ । କିନ୍ତୁ ଯେଉଁମାନେ ପରମେଶ୍ୱରଙ୍କ ଆଜ୍ଞାବହ ହୁଅନ୍ତି, ସେମାନେ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି । ଯେଉଁମାନେ ଅଗ୍ରାହ୍ୟ କରନ୍ତି ସେମାନେ ଦଣ୍ଡିତ ହେବେ । ପରମେଶ୍ୱର ପକ୍ଷପାତୀ ନୁହନ୍ତି । ଆମ୍ଭମାନଙ୍କ ସ୍ୱନିର୍ଣ୍ଣୟ ନିମନ୍ତେ ସଦାପ୍ରଭୁ ଦାୟୀ ନୁହନ୍ତି । କିନ୍ତୁ ଆମ୍ଭେମାନେ ସର୍ବଦା ତାହାଙ୍କ ଅକଥନୀୟ ଦାନ ନିମନ୍ତେ କୃତଜ୍ଞ ହେଉ । ଆପଣଙ୍କ ସ୍ୱନିର୍ଣ୍ଣୟନୁଯାୟୀ ସଦାପ୍ରଭୁ ଆପଣଙ୍କୁ ପ୍ରତିଫଳ ଦେବେ । ''ଅତଏବ, ଈଶ୍ୱରଙ୍କ ଦୟା ଓ କଠୋରତା ବୁଝ, ଯେଉଁମାନେ ପତିତ ହେଲେ, ସେମାନଙ୍କ ପ୍ରତି କଠୋରତା, କିନ୍ତୁ ତୁମ୍ଭେ ଯଦି ଈଶ୍ୱରଙ୍କ ଦୟାର ଶରଣାପନ୍ନ ହୋଇ ରହିଥାଅ; ତାହାହେଲେ ତୁମ୍ଭମାନଙ୍କ ପ୍ରତି ତାହାଙ୍କ ଦୟା; ନୋହିଲେ ତୁମ୍ଭେ ମଧ୍ୟ କଟାଯିବ ।'' (ରୋମୀୟ ୧୧:୨୨)

*- Robert Johnson*

❋❋❋

## ଯୀଶୁଖ୍ରୀଷ୍ଟ, ତାହାଙ୍କ ଆଜ୍ଞାକାରୀମାନଙ୍କ ପ୍ରତି ସେ ତ୍ରାଣକର୍ତ୍ତା ଅଟନ୍ତି

## (Christ is the Author of Salvation to all who obey Him)

ଆଜ୍ଞାବହତା ବିନୁ କେବଳ ବିଶ୍ୱାସ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହେବେ ବୋଲି ଅନେକ ବିଶ୍ୱାସ କରନ୍ତି । ଜଣେ ପାପୀ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଧୌତ ହୋଇ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କୁ 'ଆପଣା ବ୍ୟକ୍ତିଗତ ପରିତ୍ରାଣକର୍ତ୍ତା ରୂପେ ସ୍ୱୀକାର କଲେ ଯଥେଷ୍ଟ ବୋଲି ମନେ କରନ୍ତି । ଏହି ସିଦ୍ଧାନ୍ତ ଅନେକଙ୍କ ନିମନ୍ତେ ଏକ ସୁନିଶ୍ଚିତ ଓ ସହଜ ଶୈଳୀ ରୂପେ ଗ୍ରହଣ କରିଥାନ୍ତି। କିନ୍ତୁ ପବିତ୍ର ବାଇବେଲରେ ଲେଖାଅଛି, ଯୀଶୁଖ୍ରୀଷ୍ଟ ''.....ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।'' (ଏବ୍ରୀ ୫:୯) ଆଜ୍ଞାବହତାର ଅର୍ଥ ସେ ଯାହା କହନ୍ତି, ତାହା କରିବା । ଯୀଶୁଖ୍ରୀଷ୍ଟଙ୍କ ବିଷୟରେ କୁହାଯାଏ, ''ପୁତ୍ର ହେଲେ ହେଁ ଦୁଃଖଭୋଗ

ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ, ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।'' (ଏବ୍ରୀ ୫:୮-୯)

ମନେ ରଖନ୍ତୁ, ସେ ପିତା ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର (ଯୋହନ ୧:୧୮) ସେ ଅଦ୍ୱିତୀୟ ପୁତ୍ର ହେବାରୁ, ତାହାଙ୍କ ଆଜ୍ଞାବହ ହେବା ଆବଶ୍ୟକ ନାହିଁ ବୋଲି କେହି କେହି ମନେକରନ୍ତି, କିନ୍ତୁ ସେ ଦୁଃଖଭୋଗ ଦ୍ୱାରା ସିଦ୍ଧ ହେଲେ ତାହାଙ୍କ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରକ ହେଲେ, ''ପୁଣି ମନୁଷ୍ୟଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ହଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ ।'' (ଫିଲିପ ୨:୮) । ସେ ତାହାଙ୍କ ଆଜ୍ଞାକାରୀମାନଙ୍କ ନିମନ୍ତେ ଅନନ୍ତ ପରିତ୍ରାଣର କାରକ ଅଟନ୍ତି, କିନ୍ତୁ କେବଳ ''ବିଶ୍ୱାସ କାରୀ'' ମାନଙ୍କ ନିମନ୍ତେ ନୁହେଁ । (ଯାକୁବ ୨:୨୪) । ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ପାପୀକୁ କେବଳ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ, ତାହାଙ୍କ ବିଷୟକ ଜ୍ଞାନ, କିଅବା, ସ୍ୱୀକାର ଯଥେଷ୍ଟ ନୁହେଁ । କାରଣ ଯୀଶୁ କହନ୍ତି,''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ, ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୬)

''ମୋ ଉପରେ ବିଶ୍ୱାସ କରି, ଯେ ମୋତେ ଆପଣା ବ୍ୟକ୍ତିଗତ ତ୍ରାଣକର୍ତ୍ତା ରୂପେ ସ୍ୱୀକାର କରେ, ସେ ପରିତ୍ରାଣ ପ୍ରାପ୍ତ ହେବ'' ବୋଲି କଅଣ ଖ୍ରୀଷ୍ଟ କହିଅଛନ୍ତି। ସେ କିଅବା ତାହାଙ୍କ ଶିଷ୍ୟମାନେ ଏପରି ସିଦ୍ଧାନ୍ତ ଶିକ୍ଷା ଦେଇ ନାହାନ୍ତି । ଏହି ବିଶ୍ୱାସମତ ଗ୍ରହଣ କରି ଯେଉଁମାନେ ଖ୍ରୀଷ୍ଟଙ୍କ ଆଜ୍ଞାବହ ହେଉନାହାନ୍ତି । ଏହି ବର୍ଗର ଲୋକମାନଙ୍କୁ ଶେଷ ବିଚାରଦିନରେ ପ୍ରଭୁ କହିବେ, ''......ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣିନାହିଁ, ହେ ଅଧର୍ମାଚାରୀମାନେ, ମୋ ପାଖରୁ ଦୂର ହୁଅ ।'' (ମାଥିଉ ୭:୨୩)

ଆଜ୍ଞା ଲଂଘନର ଅର୍ଥ କଅଣ ? ଆଜ୍ଞାଗୁଡ଼ିକର ଅମାନ୍ୟ କରିବା । ଯୀଶୁଖ୍ରୀଷ୍ଟ ଆଜ୍ଞା ବା ନିୟମ ସ୍ଥାପନ କରିଅଛନ୍ତି । ତାହା ନୂତନ ନିୟମରୂପେ ପରିଚିତ ତାହାଙ୍କ ଏହି ନିୟମଶାସ୍ତ୍ର ସେ ଆପଣା ପ୍ରେରିତମାନଙ୍କ ଦ୍ୱାରା ଦେଇଅଛନ୍ତି । (ଯୋହନ ୧୪:୨୫-୨୬; ୧୬:୨-୧୩, ମାଥିଉ ୧୮:୧୮) । ସେ କହନ୍ତି ''ଆଉ ତୁମ୍ଭେମାନେ କାହିଁକି ମୋତେ ପ୍ରଭୁ ପ୍ରଭୁ ଭୋଲି ସମ୍ବୋଧନ କରୁଅଛ, ମାତ୍ର ମୋହର ବାକ୍ୟ ପାଳନ କରୁନାହଁ ?'' (ଲୂକ ୬:୪୬) । ଆପଣ କାହାର ଅନୁସରଣ

କରିବାକୁ ଇଚ୍ଛା କରନ୍ତି ? ପ୍ରଚାରକଙ୍କର କିଅବା ଖ୍ରୀଷ୍ଟଙ୍କର ପାପକ୍ଷମା କିଅବା ପରିତ୍ରାଣ ବାପ୍ତିସ୍ମ ଗ୍ରହଣ କରିବା ପରେ ପ୍ରାପ୍ତ ହୁଏ କିନ୍ତୁ ପୂର୍ବେ ନୁହେଁ । (ରୋମୀୟ ୬:୩-୪)

ଅନେକ ଅବ୍ରାହମଙ୍କ ଉଦାହରଣ ନେଇ, କେବଳ ବିଶ୍ୱାସ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହେବେ ବୋଲି ବିଶ୍ୱାସ କରନ୍ତି । (ରୋମୀ ୪:୧-୩) । କିନ୍ତୁ ଯାକୁବ କହନ୍ତି, ''ଆମ୍ଭମାନଙ୍କ ପିତା ଅବ୍ରାହମ ବେଦୀ ଉପରେ ଆପଣା ପୁତ୍ର ଇସ୍‌ହାକଙ୍କୁ ଉତ୍ସର୍ଗ କରିବା ବେଳେ କଅଣ କର୍ମ ଦ୍ୱାରା ଧାର୍ମିକ ଗଣିତ ହୋଇ ନ ଥିଲେ ? ତୁମ୍ଭେ ଦେଖୁଅଛ ଯେ, ବିଶ୍ୱାସ ତାହାଙ୍କ କର୍ମର ସହକାରୀ ଥିଲା, ଆଉ କର୍ମ ଦ୍ୱାରା ବିଶ୍ୱାସ ସିଦ୍ଧ ହେଲା । ସେଥିରେ ଶାସ୍ତ୍ରର ଏହି ବାକ୍ୟ ସିଦ୍ଧ ସଫଳ ହେଲା, ଅବ୍ରାହମ ଈଶ୍ୱରଙ୍କ ଠାରେ ବିଶ୍ୱାସ କଲେ, ଆଉ ତାଙ୍କ ପକ୍ଷରେ ତାହା ଧାର୍ମିକତା ବୋଲି ଗଣିତ ହେଲା, ପୁଣି ସେ ଈଶ୍ୱରଙ୍କ ସିଦ୍ଧ ମୋଲି ଖ୍ୟାତ ହେଲେ ।'' (ଯାକୁବ ୨:୨୧-୨୩)

ଏଠାରେ ଯାକୁବ ପାଉଲଙ୍କୁ ଲିଖିତ ରୋମୀୟ ୪:୧-୩ ବାକ୍ୟକୁ ଉଲ୍ଲେଖିତ କରନ୍ତି ଯାହା କହେ, ''ସେତେବେଳେ ସେ ସଦାପ୍ରଭୁଙ୍କର ବିଶ୍ୱାସ କରନ୍ତେ, ସେ ତାଙ୍କ ପକ୍ଷରେ ତାଙ୍କୁ ଧାର୍ମିକତା ବୋଲି ଗଣନା କଲେ ।'' (ଆଦି ୧୫:୬) । ଅବ୍ରାହାମ, ପରମେଶ୍ୱରଙ୍କ ଆଜ୍ଞାନୁଯାୟୀ ଆପଣା ପ୍ରିୟପୁତ୍ର ଇସ୍‌ହାକଙ୍କୁ ବଳି ରୂପେ ଉତ୍ସର୍ଗକରିବାକୁ ଉଦ୍ୟତ ହୋଇଥିଲେ । ତାହାଙ୍କ କାର୍ଯ୍ୟ ଦ୍ୱାରା ଅର୍ଥାତ୍, ତାହାଙ୍କ ବିଶ୍ୱାସ ଦ୍ୱାରା (ଏବ୍ରୀ ୧୧:୧୭) ଏହା ଏବେ ଆମ୍ଭେ ବୁଝିଲୁ, ଯେହେତୁ ତୁମ୍ଭେ ଆମ୍ଭଙ୍କୁ ଆପଣାର ପୁତ୍ର, ପୁଣି, ଆପଣା ଏକମାତ୍ର ପୁତ୍ର ଦେବାକୁ ହିଁ ଅସମ୍ମତ ନୋହିଲେ (ଆଦି ୨୨:୧୨)

ଅବ୍ରାହାମ, ପରମେଶ୍ୱରଙ୍କ ପରୀକ୍ଷାରେ ସିଦ୍ଧ ନ ହେବା ଯାଏ, ଧାର୍ମିକ ବୋଲି ପ୍ରମାଣିତ ହୋଇ ନ ଥିଲେ । ସେ ପରମେଶ୍ୱରଙ୍କ ଠାରେ ବିଶ୍ୱାସ କରିବା ସଙ୍ଗେ ସଙ୍ଗେ ତାହାଙ୍କ ଆଜ୍ଞା ପାଳନ କରିଥିଲେ । ଅତଏବ, **କୌଣସି ମନୁଷ୍ୟ** କେବଳ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହୁଏ ନାହିଁ ।

କିପରି ପରୀକ୍ଷା ? ଯୀଶୁ କହିଲେ, ''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ (ମାର୍କ ୧୬:୧୬) । ଯୀଶୁଖ୍ରୀଷ୍ଟ, ''ପୁତ୍ର ହେଲେ ହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା

କଲେ ।'' (ଏବ୍ରୀ ୫:୮) । ତାହାଙ୍କ ସଦୃଶ୍ୟ ଅବ୍ରାହାମ ମଧ୍ୟ ଆଜ୍ଞାବହତା ଦ୍ୱାରା ସିଦ୍ଧ ହୋଇଥିଲେ । ପିତା ପରମେଶ୍ୱର ଆପଣା ଅନୁଗ୍ରହ ଦ୍ୱାରା, ପ୍ରତ୍ୟେକ ମନୁଷ୍ୟ ନିମନ୍ତେ କ୍ରୁଶୀୟ ମୃତ୍ୟୁ ଆସ୍ୱାଦ କରିଥିଲେ (ଏବ୍ରୀ ୨:୯) । ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ ଆନନ୍ଦରେ ଆମ୍ଭମାନଙ୍କ ପାପଭାର ବହନ କଲେ । (ମାଥିଉ ୨୬:୩୯, ୨ୟ କରିନ୍ଥୀ ୫:୨୧) । ସେ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ 'ପ୍ରାୟଶ୍ଚିତ ସ୍ୱରୂପ' ଅଟନ୍ତି । (୧ମ ଯୋହନ ୨:୨) ଏବଂ ୪:୧୦ ପଦ, ଯାହା କହେ, ''ଆମ୍ଭେମାନେ ଯେ ଈଶ୍ୱରଙ୍କୁ ପ୍ରେମ କଲୁ, ତାହା ନୁହେଁ, ମାତ୍ର ସେ ଆମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆପଣା ପୁତ୍ରଙ୍କୁ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ ସ୍ୱରୂପ କରି ପଠାଇଲେ, ଏଥିରେ ତ ପ୍ରେମ ପ୍ରକାଶ ପାଏ । ଆଜ୍ଞାବହ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ସେ ପରିତ୍ରାଣ କର୍ତ୍ତା ଅଟନ୍ତି ।

***- Sunny David***

❋❋❋

## ପ୍ରଚାରକଙ୍କ କାର୍ଯ୍ୟ
## (The Work of an Evangelist)

ପ୍ରେରିତ ପାଉଲ ଯୁବ ତୀମଥିଙ୍କୁ ଲେଖିଲେ, ''ସୁସମାଚାର ପ୍ରଚାରକର କାର୍ଯ୍ୟ ସାଧନ କର ।'' (୨ ତୀମଥି ୪:୫) । ସୁସମାଚାର ପ୍ରଚାରକଙ୍କ କାର୍ଯ୍ୟ କଅଣ ? ସଂକ୍ଷେପରେ ଏହାର ଉତ୍ତର ଆମ୍ଭେମାନେ ୨ ତୀମଥି ୩:୧୦-୪:୫ ପଦଗୁଡ଼ିକରେ ପଢ଼ିପାରିବା । ''କିନ୍ତୁ ତୁମ୍ଭେ ମୋହର ଶିକ୍ଷା, ଆଚାର ବ୍ୟବହାର, ସଂକଳ୍ପ, ବିଶ୍ୱାସ, ସହିଷ୍ଣୁତା, ପ୍ରେମ, ଧୈର୍ଯ୍ୟ, ତାଡ଼ନା ଓ ଦୁଃଖଭୋଗର ଅନୁଗାମୀ ହୋଇଅଛି । ଆନ୍ତିୟଖିଆ, ଇକନୀୟ ଓ ଲୁସ୍ତ୍ରାରେ ମୋ ପ୍ରତି ସେପରି ତାଡ଼ନା ଘଟିଥିଲା; ମୁଁ ତାହା ସହ୍ୟ କରିଥିଲି, ଆଉ ପ୍ରଭୁ ମୋତେ ସେ ସବୁରୁ ଉଦ୍ଧାର କରିଥିଲେ ପ୍ରକୃତରେ ଯେଉଁମାନେ ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାରେ ଧର୍ମଜୀବନଯାପନ କରିବାକୁ ଇଚ୍ଛା କରନ୍ତି, ସେମାନେ ତାଡ଼ନା ଭୋଗ କରିବେ । କିନ୍ତୁ ଦୁଷ୍ଟ ଲୋକେ ଓ ପ୍ରବଞ୍ଚକମାନେ ଭ୍ରାନ୍ତି ଜନ୍ମାଇ ଓ ଭ୍ରାନ୍ତ ହୋଇ ଅଧିକରୁ ଅଧିକ ଦୁଷ୍ଟ ହୋଇ ଉଠିବେ । କିନ୍ତୁ ତୁମ୍ଭେ ଯାହା ଯାହା ଶିକ୍ଷା କରିଅଛ, ଆଉ ଯେ ସମସ୍ତ ବିଷୟର ବୋଧ ପାଇଅଛ, ସେସବୁରେ

ସ୍ଥିର ହୋଇ ରହିଥାଅ, କାରଣ ତୁମ୍ଭେ ଜାଣୁଅଛ, କେଉଁମାନଙ୍କ ଠାରୁ ସେହିସବୁ ଶିକ୍ଷା କରିଅଛ; ପୁଣି, ଯେଉଁ ଧର୍ମଶାସ୍ତ୍ର ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବିଶ୍ୱାସ ଦ୍ୱାରା ତୁମ୍ଭଙ୍କୁ ପରିତ୍ରାଣଜନମ ଜ୍ଞାନ ଦେବାକୁ ସମର୍ଥ; ତାହା ତୁମ୍ଭେ ବାଲ୍ୟକାଳ ଠାରୁ ଜ୍ଞାତ ଅଛ । ସମସ୍ତ ଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ଏବଂ ଶିକ୍ଷା ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ । ମୁଁ ଈଶ୍ୱରଙ୍କ ସାକ୍ଷାତରେ ଆଉ ଯେଉଁ ଖ୍ରୀଷ୍ଟ ଯୀଶୁ ଜୀବିତ ଓ ମୃତ ଉଭୟଙ୍କର ବିଚାର କରିବାକୁ ଯାଉଅଛନ୍ତି; ତାହାଙ୍କ ସାକ୍ଷାତରେ ପୁଣି ତାହାଙ୍କ ପୁନରାଗମନ ଓ ରାଜ୍ୟର ଶପଥ ଦେଇ ତୁମ୍ଭକୁ ଦୃଢ଼ ଆଜ୍ଞା ଦେଉଅଛ, ବାକ୍ୟ ପ୍ରଚାର କର, ସମୟରେ କି ପୂର୍ଣ୍ଣ ସହିଷ୍ଣୁତା ସହ ଶିକ୍ଷା ଦେଇ ଅନୁଯୋଗ କରି ପୁଣି ଧମକ ଓ ଉତ୍ସାହ ଦାନ କର । କାରଣ ସମୟ ଆସିବ, ଯେତେବେଳେ ସେମାନେ ହିତଜନକ ଶିକ୍ଷା ସହ୍ୟ କରିବେ ନାହିଁ, ମାତ୍ର ଶ୍ରୁତିମଧୁର କଥାରେ ସନ୍ତୁଷ୍ଟ ବହୁସଂଖ୍ୟକ ଶିକ୍ଷକଙ୍କୁ ସଂଗ୍ରହ କରିବେ । ପୁଣି, ସତ୍ୟ ବାକ୍ୟରେ କର୍ଣ୍ଣ ନ ଦେଇ କଳ୍ପିତ କାହାଣୀ ପ୍ରତି ମନ ଦେବେ । କିନ୍ତୁ ତୁମ୍ଭେ ସମସ୍ତ ବିଷୟରେ ସଚେତନ ହୁଅ, କ୍ଲେଶ ସହ୍ୟ କର, ସୁସମାଚାର ପ୍ରଚାରକଙ୍କର କାର୍ଯ୍ୟ ସାଧନ କର । ତୁମ୍ଭ ସେବାର କାର୍ଯ୍ୟ ସମ୍ପନ୍ନ କର ।'' ଆପଣଙ୍କୁ ସୁସମାଚାର ପ୍ରଚାରକ ହେବା ନିମନ୍ତେ (୧) ପ୍ରେରିତ ପାଉଲଙ୍କ ଜୀବନୀ ଓ କାର୍ଯ୍ୟର ଅନୁକରଣ କର । (୨) କ୍ଲେଶ ସହ୍ୟ କର (୩) ବାକ୍ୟ ଧ୍ୟାନ କର (୪) ବାକ୍ୟ ପ୍ରଚାର କର (୫) ସୁଯୋଗର ସଦ୍‌ବ୍ୟବହାର କର । (୬) ସହିଷ୍ଣୁତା ସହ ଶିକ୍ଷା ଦେଇ ଅନୁଯୋଗ କର; ପୁଣି ଧମକ ଓ ଉତ୍ସାହ ଦାନ କର (୭) ଭ୍ରାନ୍ତ ଶିକ୍ଷକ ଓ ଭ୍ରାନ୍ତ ଶିକ୍ଷା ବିଷୟରେ ସଚେତନ ରୁହ ।

ଏହି ଜଗତ ଅନେକ ପ୍ରଚାରକ ଆବଶ୍ୟକ କରେ । ଏହି ପରିଚର୍ଯ୍ୟାର ଫଳ ସୁମଧୁର ଓ ଆଶୀଷଯୁକ୍ତ ।

- *Wayne Barrier*

# ପରିତ୍ରାଣପ୍ରାପ୍ତ ହେବା ନିମନ୍ତେ ମୁଁ ଦ୍ୱିତୀୟ ସୁଯୋଗ ପାଇବା ବିଷୟରେ
## (Where in the Bible will I find a second chance to be saved)

ନୋହଙ୍କ ନିର୍ମିତ ଜାହାଜର ଦ୍ୱାର ବନ୍ଦ ହେବା ପରେ ଏବଂ ଜଳପ୍ଲାବନରେ ଜାହାଜ ଧିରେ ଧିରେ ଉଠିବା ସମୟରେ ଅନେକ ଜାହାଜ ଭିତରକୁ ପ୍ରବେଶ କରିବାକୁ କ୍ରନ୍ଦନ ଓ ଚିତ୍କାର କରିବା ସଦୃଶ୍ୟ ଶେଷ ବିଚାର ଦିନ ଉପସ୍ଥିତ ହେଲେ ଅପ୍ରସ୍ତୁତ ଲୋକେ ସମୟ ପାଇଁ ଚିତ୍କାର କରିବେ ।

ଆମ୍ଭେମାନେ ଉତ୍ତମ ଓ ସତ୍ୟ ଜାଣିବା ପରେ ତାହା ଅବଲମ୍ବନ କରିବା ନିତାନ୍ତ ଆବଶ୍ୟକ । ସୁସମାଚାର ଅବଜ୍ଞା କରିବା କିଅବା ବିଳମ୍ବ କରିବାର ପ୍ରତିଫଳ ଭୟଙ୍କର (ମାର୍କ ୧୬:୧୫-୧୬, ୨ ଥେସଲନୀକୀ ୧:୧-୯) । ପ୍ରତ୍ୟେକ ମନୁଷ୍ୟକୁ ଖ୍ରୀଷ୍ଟଙ୍କ ମଣ୍ଡଳୀ ଓ ଜାଗତ, ସତ୍ୟ ଓ ଅସତ୍ୟ, ଉତ୍ତମ ଓ ମନ୍ଦ, ସଂକୀର୍ଣ୍ଣ ଦ୍ୱାର ଓ ପ୍ରଶସ୍ତ ଦ୍ୱାର ବାଛିବା ନିମନ୍ତେ ସ୍ୱେଚ୍ଛା ଦିଆଯାଇଅଛି । (ମାଥିଉ ୭:୧୩-୧୪) । କିନ୍ତୁ କୌଣସି ମନୁଷ୍ୟକୁ ଦ୍ୱିତୀୟରେ ସୁଯୋଗ ଦିଆଯିବ ନାହିଁ । ବାକ୍ୟ କହେ,"...ଦେଖ, ଏବେ ମହା ଅନୁଗ୍ରହର ସମୟ, ଦେଖ, ଏବେ ପରିତ୍ରାଣର ଦିନ ।" (୨ କରିନ୍ଥୀ ୬:୨) । ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି, "ମନୁଷ୍ୟମାନଙ୍କ ନିମନ୍ତେ ଥରେ ମାତ୍ର ମୃତ୍ୟୁ, ଆଉ, ତାହାପରେ ବିଚାର ନିରୁପିତ ଅଛି, ସେହିପରି ଖ୍ରୀଷ୍ଟ ମଧ୍ୟ ଅନେକଙ୍କ ପାପ ବହନ କରିବା ନିମନ୍ତେ ଥରେ ମାତ୍ର ଉତ୍ସର୍ଗୀକୃତ ହୋଇ ଦ୍ୱିତୀୟ ଥର ପାପ ସକାଶେ ନୁହେଁ, ବରଂ ଯେଉଁମାନେ ତାହାଙ୍କ ଅପେକ୍ଷାରେ ଅଛନ୍ତି, ସେମାନଙ୍କ ପରିତ୍ରାଣ ନିମନ୍ତେ ଦର୍ଶନ ଦେବ ।" (ଏବ୍ରୀ ୯:୨୭,୨୮)

ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ବିଷୟରେ ପ୍ରେରିତ ପାଉଲ ଲେଖନ୍ତି," ବିଳମ୍ବ ବୋଲି ଯେପରି କେବଳ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ, କିନ୍ତୁ ଯେପରି କେହି ବିନଷ୍ଟ ନ ହୁଅନ୍ତି, ବରଂ ସମସ୍ତେ ମନ ପରିବର୍ତ୍ତନ କରନ୍ତି, ଏହା ଇଚ୍ଛା କରି ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘସହିଷ୍ଣୁ ଅଟନ୍ତି । ପ୍ରଭୁଙ୍କ ଦିନ ଚୋର ପରି ଉପସ୍ଥିତ ହେବ ସେହିଦିନ ଆକାଶମଣ୍ଡଳ ମହାଶବ୍ଦ ସହ ଲୋପ ପାଇବ, ପୁଣି ଏବଂ ପୃଥିବୀ ଓ ତନ୍ମଧ୍ୟସ୍ଥ ମନୁଷ୍ୟକୃତ ବସ୍ତୁ ସବୁ ଦଗ୍ଧ ହେବ ।" (୨ ପିତର ୩:୯-୧୦)

ଯୀଶୁ କହିଲେ,"ଆଉ, ଏମାନେ (ଅଧାର୍ମିକମାନେ) ଅନନ୍ତ ଶାସ୍ତି, କିନ୍ତୁ ଧାର୍ମିକମାନେ ଅନନ୍ତ ଜୀବନ ଭୋଗ କରିବାକୁ ଯିବେ ।" (ମାଥିଉ ୨୫:୪୬) । ଏହି ବାକ୍ୟ ସକଳ, ଆମ୍ଭମାନଙ୍କୁ ସଦା 'ପ୍ରସ୍ତୁତ' ରହିବାକୁ ଶିକ୍ଷା ଦିଏ । ମୃତ୍ୟୁ ପରେ ପରିତ୍ରାଣ ପ୍ରାପ୍ତିର ଯୋଜନା / ପଥ / ସୁଯୋଗ ବିଷୟରେ ବାଇବଲରେ ଲିଖିତ ହୋଇନାହିଁ । ମୃତ୍ୟୁ ପରେ ଅଧାର୍ମିକମାନଙ୍କୁ, ଯୀଶୁଙ୍କୁ ଅବଜ୍ଞାକାରୀମାନଙ୍କୁ ନରକରୁ ସ୍ୱର୍ଗକୁ ଯିବା ନିମନ୍ତେ କୌଣସି ପଥ ନାହିଁ ।

ପ୍ରେରିତ ପାଉଲ କହନ୍ତି, "କାରଣ ସମସ୍ତ ମାନଙ୍କର ପରିତ୍ରାଣ ନିମନ୍ତେ, ଈଶ୍ୱରଙ୍କ ଅନୁଗ୍ରହ ପ୍ରକାଶିତ ହୋଇଅଛି । ପୁଣି, ଆମ୍ଭେମାନେ ଯେପରି ଅଧର୍ମ ଓ ସାଂସାରିକ ଅଭିଳାଷ ପରିତ୍ୟାଗ କରି ଏହି ବର୍ତ୍ତମାନ ଯୁଗରେ ସୁବୁଦ୍ଧି, ଧାର୍ମିକ ଓ ଭକ୍ତ ଭାବରେ ଜୀବନଯାପନ କରୁ ।" (ତିତ ୨:୧୧-୧୨)

ଆସ, ଆମ୍ଭେମାନେ ଆଜି ହିଁ ତାହାଙ୍କ ଆଜ୍ଞାବହ ହେଉ ।" (ଏବ୍ରୀ ୫:୬,୯)

***- Gary Celley***

❋❋❋

## The Church of Christ

- The Bible is its only guide. (Roman 1:16, I Thes 2:13
- It wears a biblical name. (Roman 16:16)
- It was established at the right place. (Isaiah 2:2,3, Acts 2)
- It was established at the right time. (Joel 2:28-32, Acts 2)
- It was established on the right foundation. (Mathew 16:18, Acts 2:36)
- The saved are in it. (Eph. 5:23, Acts 2:47)
- Its members are enrolled in heaven. (Hebrews 12:23)
- Membership in it is obtained by obedience to God's commands, including baptism. (Acts 2:41-47, I Cor. 12:13)

**Edited & Published by : Kabita & Joshua Gootam**

**Col 3:2b Don't set your affection (mind) on earth (I)"Don't love the world ,or the things of the world, if anyone loves the world the Love the Father is not in him' " ( 1 John 2:15) (Math 6;19-21;Rom 12;2)

## Col : 3-4

Col 3:3,4 : "For ye are dead and your life is hid with Christ in God. When Christ who is our life ,shall appear , then shall ye also appear with him in glory."

A : "For you are dead…."

(i)Those who are baptized into Christ are dead to sin and to this world (Roman 6:3-6)

(ii)Gal 2:20 : "I am crucified with Christ , nevertheless I live , yet not I, but Christ liveth in me and the life which I live in now in the flesh; I live by the faith of the son of God , who loved me and gave himself for me."

(iii)II Timothy 2:11:"…For if we be dead with him ,will shall also live with him." ( I Cor 15:31)

B. "… Your life is hid with Christ in God.

(i) We sing , "He hideth my soul in the cleft of the Rock."

(ii) We are protected – Ps 121

(a) Deut 32 : 10,11 (b) Ps 91:1,2 (c) Mathew 23:37b

C. "… Christ who is your life…"

(i)John 14:6 : "Jesus said , I am the WAY , the TRUTH and LIFE…" (Gen 15:11).

(ii)John 1:4 : "In him was LIFE and the was the light of men (John 11:25)

D. Jesus shall appear :

(i) Act 1:11 : "…Ye men of Galilee, why stand ye gazing …Jesus , which is taken up from you into heaven shall also so come in like manners ye have seen him go into heaven."

(Math 24:30 , 25:31 , Mark 13:26 , Luke 21:27, John 14:3, Rev 1:7)

(ii) II Timothy 4:8 : "Henceforth there is laid up for me a crown of righteousness…but unto all them also that love his appearing."

(iii)Jude 14 : "And Enoch also the seventh from Adam, prophesised of these saying behold ,the Lord cometh with ten thousands of his saints."

E. Then shall ye also appear with him…"

(i) I Thes 4:14 : "For if we believe that Jesus died and rose again , even so which sleep in Jesus will God bring with him.(II Thes 1:10,I Cor 15:43)

F. In Glory :

(i)"But the God of all grace,who hath called us unto his eternal glory by christ Jesus …" (I Pet 5:4)

(ii) Roman 8:30: "Moreover whom he died predestinate, them he also called : and whom he called, them he also justified: and whom he justified them also glorified ."

(iii)Roman 8:17b-18:- "… if so be that we suffer with him that we may be also glorified together… glory which shall be revealed to us."

**-Kabita Gootam**

Write for free Bible Correspondence Course
In
*Telugu & Oriya to:*

**The Director**
Bible Correspondence Course
PO.Box.80,KAKINADA-533001.A.P

***Printed Book Only***

From :
SATYAVANI
P.O. Box 80
Kakinada - 533001

To

(FOR PRIVATE CIRCULATION ONLY)

Edited & Published by Joshua Gootam Printed by him at Satya Vani Publication, Sambamurthy St., Kakinada - 533 004